No. of Printed Pages : 3

**FOR**

02069

# Foundation Course : ORIYA

## Term-End Examination

## June, 2011

## Course Code : FOR

*Time : 2 hours* *Maximum Marks : 50*

*Note : Answer **all** the questions.*

**1.** ଯେ କୌଣସି **୩** ଟି ପ୍ରଶ୍ନର ଉତ୍ତର ଦିଅ । **3x5=15**

(a) ଓଡ଼ିଆ ଭାଷାର ସୁରକ୍ଷା ଆନ୍ଦୋଳନ ସମୟରେ ଓଡ଼ିଆ ସାହିତ୍ୟିକଙ୍କର ଭୂମିକା ସମ୍ପର୍କରେ ଆଲୋକପାତ କର ।

(b) ଅସହଯୋଗ ଆନ୍ଦୋଳନର ମୂଳ ଉଦ୍ଦେଶ୍ୟ କ'ଣ ଏବଂ ଏଥିରେ ଓଡ଼ିଶା କିପରି ଯୋଗଦାନ କରିଥିଲା ?

(c) 'ପୁରୁଷୋତ୍ତମ ଚେତନା' କହିଲେ କ'ଣ ବୁଝାଏ ?

(d) ନିମ୍ନ ଉକ୍ତିଟିର ସପ୍ରସଂଗ ବ୍ୟାଖ୍ୟା ପ୍ରଦାନ କର ।

''ଅହମିକା-ବାୟୁ-ଗ୍ରସ୍ତ ହୋଇ ବ୍ୟସ୍ତେ
'ମୁଁ', 'ମୁଁ' କରି ଆହା, ମରନ୍ତି ସମସ୍ତେ''

(e) ଓଡ଼ିଶାର ଭୌଗଳିକ ଅବସ୍ଥିତି ଓ ପ୍ରାକୃତିକ ଗଠନ ଉପରେ ଉଲ୍ଲେଖ କର ।

2. ଯେ କୌଣସି ୫ ଟି ପ୍ରଶ୍ନର ଉତ୍ତର ସଂକ୍ଷେପରେ ଦିଅ । 5x2=10

(a) ପ୍ରବଚନ ବ୍ୟବହାର ଦ୍ଵାରା କେଉଁ ଉଦ୍ଦେଶ୍ୟ ସାଧିତ ହୋଇଥାଏ ?

(b) ଶିଶୁପାଳ ଗଡ଼ର ଐତିହ୍ୟ କ'ଣ ?

(c) ଅମେରିକାର ସହର ଗୁଡ଼ିକର ଅବସ୍ଥିତି କିପରି ?

(d) ''ଅକାଳେ ନିୟମ ନାସ୍ତି'' - କାହିଁକି କୁହାଯାଇଥାଏ ?

(e) ସମ୍ବାଦ ଲେଖକ ଲେଖାକୁ ସଂକ୍ଷିପ୍ତ କରିବାପାଇଁ କ'ଣ କରିଥାନ୍ତି ?

(f) ପଟଚିତ୍ର କିପରି ପ୍ରସ୍ତୁତ କରାଯାଇଥାଏ ?

(g) ଅକ୍ଟୋପସକୁ ମଣିସମାନେ କିପରି ବ୍ୟବହାର କରିଥାନ୍ତି ?

(h) ଉତ୍କଳ ଓ ଓଡ଼ିଆ ମଧ୍ୟରେ ପାର୍ଥକ୍ୟ କ'ଣ ?

3. ଶୂନ୍ୟସ୍ଥାନ ପୂରଣ କର । 5

(a) ମନୁଷ୍ୟର ଜ୍ଞାନରାଜ୍ୟରେ ଅର୍ଥନୀତି ଏକ __________ କ୍ଷେତ୍ର ।

(b) __________ ଆବିଷ୍କାର ପଛରେ ରହିଛି ସଭ୍ୟତାର ବିଭିନ୍ନ ସୋପାନ ।

(c) ଅର୍ଥନୀତି ଏକ __________ ।

(d) ସଭ୍ୟତାର ପ୍ରାରମ୍ଭରେ ମନୁଷ୍ୟ __________ ଅତି ସାଧାରଣ ଥିଲା ।

(e) ମୁଦ୍ରାର ପ୍ରଥମ କାର୍ଯ୍ୟ ହେଲା ମୂଲ୍ୟର __________ ରୂପେ ବ୍ୟବହୃତ ହେବା ।

4. ବ୍ୟାସ ବାକ୍ୟସହ ସମାସର ନାମ ଲେଖ । (୪ ଟି) 4

କୋଠାବାଡ଼ି, ପାହାଡ଼ଗୁମ୍ଫା, ଯୁବକ ସଂଘ, ପୂର୍ଣ୍ଣଚନ୍ଦ୍ର, ସାନରାଣୀ, ତ୍ରିଫଳା ।

5. ସନ୍ଧି ବିଚ୍ଛେଦ କର । (୪ ଟି) 4

ଉଚ୍ଛନ୍ନ, ନିଶ୍ଚୟ, କ୍ରମାଗତ, ତଥ୍ୟାବଳୀ, ନିର୍ଦ୍ଧନ, ଚିତ୍ତାକର୍ଷକ ।

6. ନିମ୍ନ ପ୍ରୟୋଗ ଗୁଡ଼ିକୁ ବ୍ୟବହାରକରି ବାକ୍ୟ ଗଠନ କର । (୪ ଟି) 4

ଉତ୍ତମ ମଧ୍ୟମ, ମୁହାଁମୁହିଁ, ଘର ବାନ୍ଧିବା, ନାଟର ଗୋବର୍ଦ୍ଧନ, ଦଣ୍ଡାୟମାନ, କ୍ରମାବନତ ।

7. ବୀପରିତାର୍ଥକ ଶବ୍ଦ ପ୍ରଦାନ କର । (୪ ଟି) 4

ଆଲୋକ, ମୂଲ୍ୟବାନ, ସ୍ଥାୟୀ, ପୁରାତନ, ସାମାଜିକ, ଆରୋହ ।

8. ନିମ୍ନ ଶବ୍ଦ ଗୁଡ଼ିକରୁ ଉପସର୍ଗଗୁଡ଼ିକୁ ପୃଥକ କରି ଦର୍ଶାଅ । (୪ ଟି) 4

ପରାକ୍ରମ, ପରିପୂର୍ଣ୍ଣ, ବିବର୍ତ୍ତନ, ସମ୍ପାଦିତ, ଅନୁମାନ, ଅବତାର ।